# “ଆପଣ କିଏ, ମୋ ପାଖରେ କଣ କାମ ଅଛି” !

ମୋର ନାମ ପ୍ରକାଶ କୁମାର ବେହେରା (ଛଦ୍ମନାମ) । ଘର ଖଇରା ଥାନା ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲାରେ । ବାପା ଜଣେ ଦୁରଦର୍ଶନ କେନ୍ଦ୍ରର ପ୍ରଯୋଜକ । ଘରେ ପିଲାବେଲୁ ଚଳିବାରେ କିଛି ଅଭାବ ପରିଲକ୍ଷିତ ହୋଇନାହିଁ । ପିଲାବେଳୁ ବହୁ ସ୍ନେହରେ ବଢ଼ିଥିଲି । ମାତ୍ର କିଶୋର ଅବସ୍ଥାରେ ମୁଁ ଅଜାଣତରେ ମୋର ଜଣେ ଏକା ଶ୍ରେଣୀର ପଢୁଥିବା ଝିଅକୁ ପ୍ରେମ କରିବସିଲି । ତାଙ୍କ ବାପା ଜଣେ ଶିକ୍ଷକ । ୨୦୦୭ ମସିହାରେ ମୋର ମନକଥା ମୁଁ ତାଙ୍କୁ ଖୋଲି କରି କହିଲି । ପ୍ରଥମେ ସେ ତ ମତେ ମନା କଲେ । ଚାରି ପାଞ୍ଚ ଦିନ ପରେ ମତେ କହିଲେ ଆଜି କାଲି ପୁଅମାନେ, ପ୍ରେମମାନେ କେବଳ ଦୈହୀକ ସମ୍ପର୍କକୁ ବୁଝୁଛନ୍ତି । ମାତ୍ର ପ୍ରେମ ତାହା ନୁହେଁ । ତୁମେ ମତେ ପ୍ରେମ କର ସେଥିପାଇଁ କୌଣସି ବାଧା ବିଘ୍ନ ନାହିଁ । ମାତ୍ର ଯେତେବେଳେ ମୁଁ ଉପଲବ୍ଧି କରିବି ତୁମେ ମୋତେ ଭଲପାଅ ବୋଲି ସେତେବେଳେ ମୁଁ ହଁ କରିବି । ଏହାଶୁଣି ମୁଁ ତାଙ୍କୁ ପ୍ରେମ କରିବାରେ କୌଣସି କମି କରିଲି ନାହିଁ । ଏହାର ଠିକ୍ ତିନିରୁ ଚାରି ମାସ ପରେ ସେ ମୋତେ କହିଲେ ସତରେ ତୁମେ ମୋତେ ବିବାହ କରିବ ତ ? ମୁଁ ତୁରନ୍ତ ହଁ ଭରିଦେଇଥିଲି । ଏହାପରେ ଉଭୟେ ଲୁଚି ଲୁଚି ବହୁ ଜାଗାରେ ଦେଖାକରୁ । ହଠାତ୍ ଦିନେ ମୋର ପ୍ରେମିକା ଜିନା (ଛଦ୍ମନାମ) ମୋତେ କହିଲା, ଘରେ ସନ୍ଦେହ କଲେଣି ବୋଧହୁଏ । ମୋର ବାହାଘର ଅନ୍ୟତ୍ର କରାଇ ଦେବେ । ହଠାତ୍ ମୁଁ ଡରିଯାଇଥିଲି । ଏହାପରେ ତାଙ୍କର ବାପା ମା’ଙ୍କୁ ଟେଲିଫୋନ୍ ଯୋଗେ ଡକାଇଲି ୨୦୧୦ ମସିହାରେ । ସବୁକଥା ସେମାନଙ୍କୁ ଖୋଲି କହିବା ପରେ ସେମାନେ ମୋତେ କହିଲେ ପ୍ରେମ କରିବାକୁ କୌଣସି ଆପତି ନାହିଁ । ତୁମେ ଆମର ଏକା ଜାତିର ପୁଅ । ପାଠ ପଢ଼ି ମଣିଷ ହୁଅ । ଯଦି ମୋ ଝିଅ କହୁଛି ତୁମକୁ ବିବାହ କରିବା ପାଇଁ ନିଶ୍ଚିତ ଭାବରେ ଆମେ କରିବୁ । ତାଙ୍କଠାରୁ ଏକଥା ଶୁଣିବା ପରେ ମୁଁ କାହିଁକି କେଜାଣି ଖୁସିରେ ବିଭୋର ହୋଇ ପଡୁଥିଲି । ଏପରିକି ସେହିଦିନ ରାତିରେ ଏସବୁ କାର୍ଯ୍ୟ କରିବା ପାଇଁ ସାହାସ ଦେଇଥିବା ସାଙ୍ଗମାନଙ୍କୁ ଡାକି ବାଲେଶ୍ୱରର ଏକ ରେଷ୍ଟୁରାଣ୍ଟରେ କେକ୍ କାଟି ଆନନ୍ଦ ମନାଇଥିଲୁ । ଏହି ଖୁସି ବେଶିଦିନ ରହିଲା ନାହିଁ । ୨୦୧୪ ମସିହାରୁ ମୁଁ ଖବର ପାଇଲି ମୋର ପ୍ରେମିକାକୁ ଦେଖିବା ପାଇଁ ବହୁତ ପ୍ରସ୍ତାବ ତାଙ୍କ ଘରକୁ ଆସୁଛି । ଏଥିରେ ମୁଁ ଅଣନିଶ୍ୱାସୀ ଅନୁଭବ କଲି । ଜିନାକୁ ପଚାରିବାରୁ ସେ ମୋତେ କହିଲେ ମୋ ଉପରେ କଣ ତୁମେ ଏତିକି ବିଶ୍ୱାସ ନାହିଁ । ଏଇ ଗୋଟିଏ ପଦ କଥାରେ ମୁଁ ହାରିଯାଇଥିଲି । ଏବେ ହଠାତ୍ ତା – ୧୦-୦୭-୨୦୧୬ରିଖ ଦିନ ମୁଁ ମୋର ଜଣେ ସାଙ୍ଗ ପାଖରୁ ଖବର ପାଇଲି ମୋର ପ୍ରେମିକାର ନିର୍ବନ୍ଧ ଆଜି ହେଉଛି ବୋଲି । ଏହାକୁ ମୁଁ ଅବିଶ୍ୱାସ କରିବାରୁ ଜିନାକୁ ଫୋନ୍ କଲି । ସେ ମୋର ଫୋନ୍ କାଟି ଦେଲେ ଏବଂ ବାରମ୍ବାର କଲ୍ କରିବାରୁ ସେ ମୋତେ କହିଲେ “ଆପଣ କିଏ, ମୋ ପାଖରେ କଣ କାମ ଅଛି” । ମତେ ଯଦି ବାରମ୍ବାର ଫୋନ୍ କରିବେ ମୁଁ ବାଧ୍ୟ ହୋଇ ଖଇରା ଥାନାରେ ତୁମ ନାଁରେ ଅଭିଯୋଗ କରିବି । ମୁଁ ବୁଝିପାରୁ ନଥିଲି ପ୍ରକୃତରେ କଣ ଏସବୁ ଘଟୁଛି ବୋଲି । ପୁଣି ସେତେବେଳେ ଜାଣିଲି ପ୍ରେମିକାର ବାହାଘର ଆସନ୍ତା ତା ୧୫-୦୭-୨୦୧୬ରିଖ ଦିନ । ହଡ଼ବଡ଼େଇ ଯାଇ ତାଙ୍କ ବାପା ବୋଉଙ୍କୁ ଫୋନ୍ କଲି । ସେ ମୋର ଫୋନ୍ ନଉଠାଇବାରୁ ତାଙ୍କ ଘରକୁ ଗଲି । ଯେଉଁ ବାପା ମା ମତେ ବିବାହ ପାଇଁ ପ୍ରତିଶୃତି ଦେଇଥିଲେ, ସେମାନେ କହିଲେ ତାଙ୍କ ଝିଅ ସହିତ ମୁଁ କୁଆଡ଼େ ଟାଇମ୍ ପାସ୍ କରିଥିଲି ଏବଂ ମୋତେ କହିଲେ ତାଙ୍କ ଝିଅଠାରୁ ମୁଁ କୋଉଠି ବୟସରେ ଆଠ ମାସ ଛୋଟ । ତେଣୁ ତାଙ୍କ ଝିଅ ସହିତ ସେମାନେ ମୋତେ ବିବାହ କରିବା ପାଇଁ ଚାହାଁନ୍ତି ନାହିଁ । ଜିନାଙ୍କ ବୋଉଙ୍କର ଗୋଡ଼ତଳେ ପଡ଼ି ନେହୁରା ହୋଇ କହିବାରୁ ସେ ମୋତେ କହିଲେ, ମୋର ଝିଅ ପାଇଁ ବଡ଼ କଷ୍ଟରେ ଜଣେ ସରକାରୀ ଶିକ୍ଷକଙ୍କୁ ବରରୁପରେ ମିଳିଛି । ତୁମେ ଯଦି ପ୍ରକୃତରେ ଜିନାଙ୍କୁ ଭଲପାଉଥିଲ ତେବେ ତା ପାଇଁ ସୁଖ ସମୃଦ୍ଧି କାମନା କର । ମୁଁ ମରିଯିବି ବୋଲି କହିବାରୁ ତାଙ୍କ ବାପା ମୋତେ କହିଲେ ଆପେ ବଞ୍ଚିଲେ ବାପର ନାଁ । ଜିନା ମୋତେ ଭଲପାଏ ନାହିଁ ବୋଲି ତା ପାଟିରୁ ପଦେ ଶୁଣିବାକୁ ଚାହିଁଲି । ଯେଉଁ ପ୍ରେମିକା ଦିନେ ମୋ କୋଳରେ ଶୋଇ ନିଜ ନିଜ ସ୍ୱପ୍ନ ଦେଖାଉଥିଲା, ସେ ମୋ ମୁହଁରେ ମୋତେ କହିଲା ମୁଁ ତୁମକୁ ଭଲପାଉନଥିଲି । ତୁମେ ଜଣେ ମୋର ଉତ୍ତମ ବନ୍ଧୁଥିଲ । ସବୁଠାରୁ ନାସ୍ତିବାଣୀ ଶୁଣିଲାପରେ ଖଇରା ପୋଲିସ୍‌କୁ ଯାଇ ମୋ ପାଖରେ ଥିବା ସମସ୍ତ ପ୍ରମାଣ ଅର୍ଥାତ୍ ଫଟୋଗ୍ରାଫ୍, ଅଡିଓ ରେକଡିଙ୍ଗ୍, ଭିଡିଓ ରେକଡିଙ୍ଗ୍, ହାତଲେଖା ଚିଠି ଓ ବିଭିନ୍ନ ଉପହାର ଦେଖାଇବାରୁ ଖଇରା ପୋଲିସ୍ କହିଲା, ପୁଅ ଯେଉଁ ବାଟରେ ଆସିଛୁ ସେଇ ବାଟରେ ଫେରିଯାଅ । ନତୁବା ଯଦି ଝିଅଘର ତରଫରୁ କୌଣସି ଅଭିଯୋଗ ଆସିଲା, ଧର୍ଷଣ କେସ୍‌ରେ ବନ୍ଧାହୋଇ ମାମୁଁ ଘରକୁ ଯିବୁ । ପ୍ରେମ ଫେମ ପୁରା ଛାଡ଼ିଯିବ । ମୁଁ ଏବେ ସମ୍ପୂର୍ଣ୍ଣ ନିଃଶହାୟ । ଧନ୍ୟ ଏ ଦେଶ, ଧନ୍ୟ ଏଠାର ଆଇନ୍ ବ୍ୟବସ୍ଥା............


ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)

ପୁରୁଷ କମିଶନ୍ (ଆବାହକ)

ମୋ- ୯୪୩୭୧୬୪୩୯୯


ବି.ଦ୍ର : ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।